# Akashvani, Sambalpur

## SAMBALPURI NEWS EVENING BULLETIN

## 31 January 2025- 7.02 pm- 7.12 pm.

*********************************************

୧- ଆଧୁନିକ୍ ଆର୍ ଆତ୍ମନିର୍ଭର୍ କୃଷି ବ୍ୟବସ୍ଥା ସରକାର୍‌ଙ୍କର୍ ମୂଲ୍ ଲକ୍ଷ୍ୟ -କହେଲେ ରାଷ୍ଟ୍ରପତି ।

- ବଜେଟ୍ ଅଧିବେଶନ୍‌ର ପହେଲା ଦିନେ ସଂସଦ୍‌ର ଦୁହି ଗୃହକେ ସମ୍ବୋଧନ୍ କଲେ ରାଷ୍ଟ୍ରପତି ।

୨- ଆଏବା ବଜେଟ୍ ଲୁକ୍‌କର୍ ଭିତ୍‌ରେ ନୂଆଁ ବିଶ୍ୱାସ୍ ଆର୍ ନୂଆଁ ଶକ୍ତି ସୃଷ୍ଟି କର୍‌ବା- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଆଏବା ଆର୍ଥିକ୍ ବଛରେ ଦେଶର୍ ମୋଟ୍ ଘରୋଇ ଉତ୍ପାଦ ୬ ଦଶ୍‌ମିକ୍ ୩ ନୁ ୬ ଦଶ୍‌ମିକ୍ ୮ ପ୍ରତିଶତ୍ ଭିତ୍‌ରେ ରହେବା ।

ଆଉର୍

୪- ରାଉର୍‌କେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାନେ ଏଛେନ୍ ତାମିଲ୍‌ନାଡୁ ଡ୍ରାଗନ୍ସ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ଚାଲିଛେ ପହେଲା ସେମିଫାଇନାଲ୍ ମେଚ୍ ।

ବଜେଟ୍ ଅଧିବେଶନ୍- ରାଷ୍ଟ୍ରପତି ଆର୍ଏନ୍ୟୁ/ କଟକ୍

ସଂସଦ୍ର ବଜେଟ୍ ଅଧିବେଶନ୍ ଆଏଜ୍ଠାନୁ ମୁଲ୍ ହେଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଧିବେଶନ୍ର ପହେଲା ଦିନେ ଦୁହି ଗୃହକେ ସମ୍ବୋଧନ୍ କରିକରି ଦେଶର୍ ସମ୍ବିଧାନ୍ ପ୍ରଣୟନ୍ର ୭୫ ବଛର୍ ପୂର୍ତି ସଙ୍ଗେ ଭାରତୀୟ ଗଣତନ୍ତ୍ରର୍ ୭୫ ବଛ୍ରର୍ ଯାତ୍ରା ପୁରା କରିଛେ ବଲି କହିଛନ୍ । ରାଷ୍ଟ୍ରପତି ତାଙ୍କର୍ ଅଭିଭାଷଣ୍ଥି କହିଛନ୍ ଯେ, ଗଣତନ୍ତ୍ରର୍ ଜନ୍ମଭୂମି ଭାବେ ଭାରତ୍ ନୂଆଁ ଶିଘାଥି ପୁହୁଁଚିବା ।

(ଭଏସ୍ ଓଭର୍-୧- ରାଷ୍ଟ୍ରପତି)

ରାଷ୍ଟ୍ରପତି କହିଛନ୍, ସର୍କାର୍ ଯୁଆନ୍ ମାନ୍କର୍ ଲାଗି ଶିକ୍ଷା ଆର୍ ନିଯୁକ୍ତି ସୃଷ୍ଟି କର୍ବାର୍ ଉପ୍ରେ ଖାସ୍ ଦଉଛନ୍ । ମେଧାବୀ ଛାତ୍ରଛାତ୍ରୀଙ୍କର୍ ଉଚ୍ଚଶିକ୍ଷା ଲାଗି ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜ୍ନା ଆରମ୍ଭ କରାଯାଇଛେ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କର୍ ଅଭିଭାଷଣ୍ଥି କହିଛନ୍ । ମହିଲାଙ୍କର୍ ନେତୃତ୍ୱଥି ବିକାଶ୍ ଜରିଏ ଦେଶ୍ ଆଏଜ୍ ସଶକ୍ତ ହେଉଛେ । ନାରୀ ଶକ୍ତି ବନ୍ଦନ ଆଇନ୍ ଜରିଏ ଲୋକ୍ସଭା ଆର୍ ବିଧାନ୍ସଭା ନ ମହିଳାମାନ୍କର୍ ଲାଗି ସଂରକ୍ଷଣ୍ ଗୁଟେ ବଡ଼ ପଦକ୍ଷେପ୍ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍-୨- ରାଷ୍ଟ୍ରପତି)

ଷ୍ଟାର୍ଟଅପ୍, କ୍ରୀଡ଼ା ଆର୍ ମହାକାଶ୍ ତକ୍ ସବୁ କ୍ଷେତ୍ରଥି ଯୁଆନ୍ ପିଢ଼ି ଦେଶ୍‌କେ ଗର୍ବିତ୍ କରୁଛନ୍ । 'ମାଇଁ ଭାରତ୍' ପୋର୍ଟାଲ୍ ଜରିଏ ଲାଖ୍ ଲାଖ୍ ଯୁଆନ୍ ପିଲାଟୁକେଲ୍ ରାଷ୍ଟ୍ର ନିର୍ମାଣ୍ କାମେ ଜୁଡ଼ି ହେଇଛନ୍ ।

(ଭଏସ୍ ଓଭର୍- ୩- ରାଷ୍ଟ୍ରପତି)

ଜାତୀୟ ଶିକ୍ଷାନୀତି ଜରିଏ ଛାତ୍ରଛାତ୍ରୀଙ୍କର୍ ଲାଗି ଗୁଟେ ଆଧୁନିକ୍ ଶିକ୍ଷା ବ୍ୟବସ୍ଥା ତିଆର୍ କରାଯାଉଛେ । ଶିକ୍ଷା ପାଏବାର୍‌ନୁ କେହି ଯେନ୍ତା ବାଦ୍ ନାଇଁ ପଡ଼ନ୍ ସେଥିର୍‌ଲାଗି ମାତୃଭାଷାଥି ଶିକ୍ଷାର୍ ସୁଯୋଗ୍ ଦିଆଯାଉଛେ ।

ମହାମାରି ଉତାରୁ ଥିତି ଆର୍ ଯୁଦ୍ଧ ବାଗିର୍ ସଙ୍କଟ୍ ସାରା ପୁର୍‌ଥି ନ ଥାଇକରି ଭିଲ୍ ଭାରତୀୟ ଅର୍ଥନୀତି ଥିର୍ ରହେବାର୍‌ଟା ଇତାର୍ ବର୍‌କସ୍ ହେବାର୍ ଗୁଟେ ପ୍ରମାଣ୍ ଆଏ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ।

ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରଥି ଭାରତ୍ ଗୁଟେ ପ୍ରମୁଖ ବୈଶ୍ୱିକ ପ୍ରତିଯୋଗୀ ଭାବେ ନିଜର୍ ଉପସ୍ଥିତି ଜାହିର୍ କରୁଛେ । ଡିଜିଟାଲ୍ କାର୍‌ବାର୍ ଖାଲି କିଛି ଲୋକ୍ କି ଗୋଷ୍ଠୀ ଭିତ୍‌ରେ ସିମିତ୍ ନାଇଁ ରହି, ଇତାର୍ ଜରିଏ ଛୋଟ୍ ବ୍ୟବସାୟୀମାନେ ଭିଲ୍ ଉପକୃତ ହେଉଛନ୍ । ଭାରତ୍‌ର ମେଟ୍ରୋ ରେଲ୍ ନେଟ୍‌ୱର୍କ ଇହାଦେ ୧ ହଜାର୍ କିଲୋମିଟର୍‌ର ମାଇଲ୍‌ଖୁଂଟା ପାର୍ କରିସାରିଛେ ।

କେନ୍ଦ୍ର ସର୍‌କାର୍‌ଙ୍କର୍ ସଫଳତାକେ ଅଭୁତପୂର୍ବ ବଲି କହିକରି ଶ୍ରୀମତୀ ମୁର୍ମୁ , ଭାରତର ବିକାଶ୍ ଯାତ୍ରା ନ ଇ ଅମୃତ କାଲ୍‌କେ ନୂଆଁ ଶକ୍ତି ଦେଇଛେ ବଲି କହିଛନ୍ ।

କୃତ୍ରିମ ବୁଦ୍ଧିମତା କ୍ଷେତ୍ରଥି ଭାରତ୍‌କେ ଆଗ୍‌କେ ନେବାର୍‌କେ 'ଇଣ୍ଡିଆ ଏଆଇ ମିଶନ୍' ମୁଲ୍ କରାଯାଇଛେ । ନେସ୍‌ନାଲ୍ କ୍ୱାଂଟମ୍ ମିଶନ୍ ଜରିଏ ଭାରତ୍ ଇ ଙ୍ଖାନ୍‌କୌଶଲ୍‌ଥି ଆଗୁଆ ଦେଶ୍‌ମାନ୍‌କର୍ ଭିତ୍‌ରେ ନିଜର୍ ଜାଗା ବନାବାର୍‌ଥି ସକ୍ଷମ୍ ହେଇଛେ ବଲି ରାଷ୍ଟ୍ରପତି ତାଙ୍କର୍ ଅଭିଭାଷଣ୍‌ଥି କହିଛନ୍ ।

ବଜେଟ୍ ଅଧିବେଶନ୍‌ର ପହେଲା ଦିନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହକେ ସମ୍ବୋଧନ୍ କରିକରି କହିଛନ୍, ୨୦୨୫-୨୬ ଆର୍ଥିକ୍ ବଛ୍‌ରର୍ ବଜେଟ୍ ଲୋକ୍‌ମାନ୍‌କର୍ ଭିତ୍‌ରେ ଗୁଟେ ନୂଆଁ ବିଶ୍ୱାସ୍ ଆର୍ ନୂଆଁ ଶକ୍ତି ସୃଷ୍ଟି କର୍‌ବା । ୨୦୪୭ ମସିହା ନ ଦେଶ୍ ସ୍ୱାଧୀନତାର ଶହେ ବଛର୍ ପୂରଣ୍ କର୍‌ବାର୍ ସହେତେ ବିକଶିତ୍ ଭାରତ୍ ସଂକଳ୍ପ ପୂରଣ୍ ହେବା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍,

ରାଷ୍ଟ୍ରପତିଙ୍କର୍ ଆଝିର୍ ଅଭିଭାଷଣ୍ ବିକଶିତ୍ ଭାରତ୍ ନିର୍ମାଣ୍ ଦିଗେ ଦେଶର୍ ଗତିପଥ ଉପ୍‌ରେ ଗୁଟେ ସୁସଂଗତ୍ ରୂପରେଖ ଆଏ । ଦେଶର୍ ଭବିଷ୍ୟତ୍ ଆର୍ ସର୍ବାଙ୍ଗିନ୍ ବିକାଶ୍ ଦିଗେ ଭିନ୍ ଭିନ୍ କ୍ଷେତ୍ରଥି ନିଆଯାଇଥିବା ପଦକ୍ଷେପ୍ ଉପ୍‌ରେ ଇଥି ଜୋର୍ ଦିଆଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ସଂସଦ୍- ଅଥନୈତିକ ସର୍ଭେ ଆର୍ଏନ୍ୟୁ/ କଟକ୍

ଭାରତ୍‌ର ମୋଟ୍ ଘରୋଇ ଉତ୍ପାଦ- ଜିଡିପି ଆଏବା ଆର୍ଥିକ୍ ବଛର୍ ୨୦୨୫-୨୬ ଥି ୬ ଦଶ୍‌ମିକ୍ ୩ ନୁ ୬ ଦଶ୍‌ମିକ୍ ୮ ପ୍ରତିଶତ୍ ଭିତ୍‌ରେ ରହେବା ବଲି ଆଏଜ୍ ସଂସଦ୍ ନ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ୍ କରିକରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ କହିଛନ୍ । ଇ ଆର୍ଥିକ୍ ବଛ୍‌ରେ ଦେଶର୍ ପ୍ରକୃତ ଅଭିବୃଦ୍ଧି ହାର ୬ ଦଶ୍‌ମିକ୍ ୪ ପ୍ରତିଶତ୍ ରହିଛେ । ଖୁଚ୍‌ରା ମୁଦ୍ରାସ୍ଫିତି ହାର ୨୦୨୪ ବଛର୍ ଏପ୍ରିଲ୍ ନୁ ଡିସେମ୍ବର୍ ମାସ୍ ଭିତ୍‌ରେ ୪ ଦଶ୍‌ମିକ୍ ୯ ପ୍ରତିଶତ୍ କମିଛେ ବଲି ରିପୋର୍ଟଥି କୁହାଯାଇଛେ । ଭାରତ୍‌ର ବୈଦେଶିକ ମୁଦ୍ରା ଭଣ୍ଡାର୍ ୨୦୨୪ ଡିସେମ୍ବର୍ ଶେଷ୍‌ତକ୍ ୬ ଶହ ୪୦ ଦଶ୍‌ମିକ୍ ୩ ବିଲିୟନ୍ ଆମେରିକୀୟ ଡଲାର୍ ରହିଥିଲା । ଯେନ୍‌ଟାକି ମୋଟ୍ ବୈଦେଶିକ ଋଣ ଚୁକ୍ତିର ୯୦ ପ୍ରତିଶତ୍ ଆଏ । ଅନ୍ତରିଣ ଅଭିବୃଦ୍ଧି ସମ୍ଭାବନାକେ ବର୍‌କସ୍ କର୍‌ବାର୍ ଲାଗି ତଲ୍‌ସ୍ତର୍ ନ ଗୁରୁତ୍ୱ ଦିଆଯାଉଥିବା ସର୍ଭେ ରିପୋର୍ଟଥି କୁହାଯାଇଛେ ।

ପୁଞ୍ଜି ବଜାରେ ମୋଟ୍ ପୁଞ୍ଜି ଆର୍ ଜିଡିପିର୍ ଅନୁପାତ ୨୦୨୪ ଡିସେମ୍ବର୍ ଶେଷ୍ ତକ୍ ଶହେ ୩୬ ପ୍ରତିଶତ୍ ରହିଛେ । ଆତ୍ମନିର୍ଭର୍ ଭାରତ୍‌କେ ତହଁକାବାର୍ ଲାଗି ୫୦ ହଜାର୍ କୋଟି

ଟଙ୍କାର୍ ଆତ୍ମନିର୍ଭର ଭାରତ୍ ଫଣ୍ଡ୍ ମୁଲ୍ କରାଯାଇଛେ ।

ବେରୋଜ୍‌ଗାରି ହାର ୨୦୨୩-୨୪ ବର୍ଷରେ ୩ ଦଶମିକ୍ ୨ ପ୍ରତିଶତ୍‌କେ କମିଛେ । ସମାଜ୍ ଉପ୍‌ରେ କୃତ୍ରିମ ବୁଦ୍ଧିମତା - ଏଆଇର ନକାରାତ୍ମକ ପ୍ରଭାବ୍ ରୋକ୍‌ବାର୍ ଲାଗି ସର୍‌କାର୍ ଘରୋଇ କ୍ଷେତ୍ର ଆର୍ ଶିକ୍ଷାନୁଷ୍ଠାନ୍ ମାନ୍‌କର୍ ଭିତ୍‌ରେ ବ୍ୟାପକ ସହଭାଗିତାର୍ ଆବଶ୍ୟକତା ଉପ୍‌ରେ ସର୍ଭେ ରିପୋର୍ଟ୍‌ଥି ପରାମର୍ଶ ଦିଆଯାଇଛେ । କୃଷି ଆଉ ଆନୁସଙ୍ଗିକ କାର୍ଯ୍ୟକଳାପ ଭାରତୀୟ ଅର୍ଥନୀତିର୍ ମେରୁଦଣ୍ଡ ଆଏ । ଉତ୍ପାଦକ ଆର୍ ଫସଲ୍ ବିବିଧତାକେ ତହଁକାବାର୍ ବାଗିର୍ ପଦକ୍ଷେପ୍ ଜରିଏ ଭାରତ୍‌ର କୃଷି କ୍ଷେତ୍ର ୨୦୧୭ ନୁ ୨୦୨୩ ଆର୍ଥିକ୍ ବଛର୍ ଭିତ୍‌ରେ ହାରାହାରି ୫ ପ୍ରତିଶତ୍ ଅଭିବୃଦ୍ଧି ରେକର୍ଡ଼ କରାଯାଇଛେ ବଲି ଅର୍ଥମନ୍ତ୍ରୀ କହିଛନ୍ ।

ସଂସଦ୍-ମୁଲ୍‌ତବୀ ପି.ଆଇ.ବି.

ବଜେଟ୍ ଅଧିବେଶନ୍‌ର ପହେଲା ଦିନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଅଭିଭାଷଣ୍ ଉତ୍‌ରୁ ଦୁହି ଗୃହକେ ଆଏଜ୍ ଦିନ୍‌କର୍ ଲାଗି ମୁଲ୍‌ତବୀ ରଖାଯାଇଛେ । ଦୁହି ଗୃହ ନ ଦିବଙ୍ଗତ୍ ସଦସ୍ୟମାନ୍‌କର୍ ଉଦ୍ଦେଶ୍ୟଥି ଶ୍ରଦ୍ଧାଞ୍ଜଳି ଦେବାର୍ ଉତ୍‌ରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ୨୦୨୪-୨୫ ଅର୍ଥନୈତିକ୍ ସର୍ଭେ ରିପୋର୍ଟ ଉପସ୍ଥାପନ୍ କରିଛନ୍ । ଅର୍ଥମନ୍ତ୍ରୀ ଆଏବା କାଏଲ୍ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍

ଉପସ୍ଥାପନ୍ କର୍‌ବେ । ସୂଚ୍‌ନା ଅନ୍‌ସାରେ ଆଏବା ୧୩ ତାରିଖ୍‌ତକ୍ ବଜେଟ୍ ଉପ୍‌ରେ ଆଲୋଚନା ହେବା । ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ମାର୍ଚ୍ଚ ୧୦ ତାରିଖ୍‌ନୁ ମୁଲ୍ ହେବା । ଇ ବଜେଟ୍ ଅଧିବେଶନ୍‌ଥି ୧୬ ଟା ବିଲ୍ ଉପସ୍ଥାପନ୍ କରାଯିବା ବଲି ଜନାପଡ଼ିଛେ ।

ସ୍ୱତନ୍ତ୍ର ବୁଲେଟିନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍ ନ ୨୦୨୫-୨୬ କେନ୍ଦ୍ର ବଜେଟ୍ ଉପସ୍ଥାପନ୍ ବାବ୍‌ଦେ ଆଏବା କାଏଲ୍ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରନୁ ୨ ଟା ଅତିରିକ୍ତ ବୁଲେଟିନ୍ ପ୍ରସାରଣ୍ କରାଯିବା । ଆଏବାକାଲିର୍ ଦୁହି ବେଲାର୍ ନିୟମିତ୍ ଆଂଚଲିକ୍ ଖବର୍ ସହେତେ ଉପର୍‌ବେଲା ସାଢ଼େ ୪ ନୁ ୪ ବାଜିକରି ୪୦ ମିନିଟ୍‌ତକ୍ ୧୦ ମିନିଟ୍‌ର ଆର୍ ୫ ବାଜିକରି ୨୫ ମିନିଟ୍‌ନୁ ସାଢ଼େ ୫ ବଜେତକ୍ ୫ ମିନିଟ୍‌ର ଅତିରିକ୍ତ ବୁଲେଟିନ୍ ପ୍ରସାରଣ୍ କରାଯିବା ।

ବାରବାଟୀ ଷ୍ଟାଡ଼ିୟମ୍- ମୁଖ୍ୟମନ୍ତ୍ରୀ ସମୀକ୍ଷା I&PR

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ୯ ତାରିଖ୍ ଦିନ ଭାରତ୍-ଇଂଲଣ୍ଡ୍ ଅନ୍ତର୍ଜାତୀୟ କ୍ରିକେଟ୍ ମେଚ୍ ହେବା । ୨

ବଛର୍ ଉତ୍ରୁ ବାରବାଟୀ ଠାନେ ଗୁଟେ ବଡ଼ ମେଚ୍ ହେବାର୍କେ ଯାଉଥିବାର୍ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଷ୍ଟାଡ଼ିୟମ୍ ଠାନେ ପ୍ରସ୍ତୁତିର୍ ସମୀକ୍ଷା କରିଛନ୍ । ମେଚ୍କେ ନେଇକରି ଚାଲିଥିବା କାମ୍କେ ଦେଖିକରି ଖୁସି ହେବାର୍ ସହେତେ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଅନ୍ତର୍ଜାତୀୟ ମେଚ୍ ଖେଲାଯିବାର୍ଟା ଆମର୍ ଲାଗି ଗୁଟେ ଗୌରବର୍ ବିଷେ ବଲି କହିଛନ୍ ।

ନିର୍ବାଚନ୍ ଆୟୁକ୍ତ - ଦାୟିତ୍ୱ ଗ୍ରହଣ୍ ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ୮ ନମ୍ବର୍ ନିର୍ବାଚନ ଆୟୁକ୍ତ ଭାବେ ମଧୁସୂଦନ୍ ପାଢ଼ୀ ଆଏଜ୍ ଦାୟିତ୍ୱ ନେଇଛନ୍ । ଭୁବ୍ନେଶ୍ୱର୍ ତୋଷାଳି ଭବନ୍ ଠାନେ ଥିବା ରାଜ୍ୟ ନିର୍ବାଚନ୍ କମିଶନର୍ଙ୍କର୍ କାର୍ଯ୍ୟାଳୟ ଠାନେ ଆଘର୍ ନିର୍ବାଚନ୍ ଆୟୁକ୍ତ ଆଦିତ୍ୟ ପ୍ରସାଦ୍ ପାଢ଼ୀ - ମଧୁସୂଦନ୍ ପାଢ଼ୀଙ୍କୁ ଦାୟିତ୍ୱ ଦେଇଛନ୍ । ନୂଆଁ ଦାୟିତ୍ୱ ନେବାର୍ ଉତ୍ରୁ ପଂଚାୟତ୍ ଆର୍ ପୌର ନିର୍ବାଚନ୍କେ ଶୃଙ୍ଖଲିତ୍ ଭାବେ ସାର୍ବାର୍ ଉପ୍ରେ ଗୁରୁତ୍ୱ ଦେବେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ପିଇଓ-ବାଲ୍ୟବିବାହ ନିଷେଧ ଅଧିକାରୀ ଭୁବ୍ନେଶ୍ୱର୍

ସମ୍ବାଦଦାତା

ରାଏଜେ ଫି’ ପଂଚାୟତ୍‌ର ନିର୍ବାହୀ ଅଧିକାରୀ-ପିଇଓ ମାନେ ଏଥର ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ କାମ୍ କରବେ । ପଂଚାୟତ୍ କାର୍ଯ୍ୟାଳୟ ମାନ୍‌କେ ପିଇଓମାନେ ଇ ବାବ୍‌ଦେ ଗୁଟେ ଗୁଟେ ଖାସ୍ ନେମ୍‌ପ୍ଲେଟ୍ ଲଗାବେ । ସେନ୍ତା ପଂଚାୟତ୍ କାର୍ଯ୍ୟାଳୟ ଭିତ୍‌ରେ ମହିଳା ସହାୟତା ନମ୍ବର୍, ଶିଶୁ ସହାୟତା ନମ୍ବର୍, ପୁଲିସ୍ ସହାୟତା ନମ୍ବର୍ ଆର୍ ସୁଭଦ୍ରା ସହାୟତା ନମ୍ବର୍ ରହେବା । କିଛି ଦିନ୍ ତଲେ ରାଏଜେ ମହିଳାମାନ୍‌କର୍ ସୁରକ୍ଷାକେ ନେଇକରି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ଉଚ୍ଚାଦର୍‌ଜାର୍ ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ହେଇଛେ ।

ରାଜସ୍ୱ ମନ୍ତ୍ରୀ- ଝୁଯୁମୁରା ବ୍ଲକ୍        ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଝୁଯୁମୁରା ବ୍ଲକ୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିକରି ଅଂଚଲ୍‌ର ସମସ୍ୟା ବୁଝିଛନ୍ । ରାଜସ୍ୱ ମନ୍ତ୍ରୀ ବ୍ଲକ୍ କାର୍ଯ୍ୟାଳୟ ଠାନେ ବିଡ଼ିଓ, ତହସିଲ୍‌ଦାର୍ ଆର୍ ବ୍ଲକ୍ ଅଧ୍ୟକ୍ଷାଙ୍କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଇ ଅବ୍‌ସରେ ବ୍ଲକ୍‌ର ଦେବ୍‌ଝରନ୍ ପର୍ଯ୍ୟଟନ୍‌ସ୍ଥଳୀର୍ ବିକାଶ୍ ଲାଗି ଆବଶ୍ୟକ

ପଦକ୍ଷେପ୍ ନିଆଯିବା ବଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଜନଜାତି ଯୁବ ଆଦାନ୍ ପ୍ରଦାନ୍ କଲାହାଣ୍ଡି ସମ୍ବାଦଦାତା

ନେହେରୁ ଯୁବକେନ୍ଦ୍ର କଲାହାଣ୍ଡି ଶାଖା ଆର୍ ସିଆର୍ପିଏଫ୍ର ୬୪ ନମ୍ବର୍ ବାଟାଲିୟନ୍ ତର୍ଫୁ ବାଟାଲିୟନ୍ ଠାନେ ୧୬ ନମ୍ବର୍ ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍ ର ୯ ନମ୍ବର୍ ଖେପ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ଥି ଭବାନୀପାଟ୍ନା ବ୍ଲକ୍ର ମାଓ ଆର୍ ଆଦିବାସୀ ଅଧ୍ୟୁଷିତ୍ ଇଲାକା ନୁ ୪୦ ଝନ୍ ଯୁଆନ୍ ପିଲା ଟୁକେଲ୍ କେରଳର ଥିରୁଅନନ୍ତପୁରମ୍ ଯାଇଛନ୍ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍ ହେବାର୍କେ ଥିବା ହକି ଇଣ୍ଡିଆ ଲିଗ୍ର ଉଦ୍ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଉରକେଲା ଠାନେ ଆଏଜ୍ ସଞ୍ଝର୍ ୬ ବଜେନୁ ତାମିଲ୍ନାଡୁ ଡ୍ରାଗନ୍ସ ଆର୍ ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଭିତ୍ରେ

ପହେଲା ସେମିଫାଇନାଲ୍ ମେଚ୍ ଚାଲିଛେ । ସେନ୍ତା ୮ ବାଜିକରି ୧୫ ମିନିଟ୍‌ଥି ସୁର୍‌ମା ହକି କ୍ଲବ୍ ଆର୍ ହାଇଦ୍ରାବାଦ୍ ତୋଫାନ୍‌ସ ଭିତ୍‌ରେ ୨ ନମ୍ବର୍ ସେମିଫାଇନାଲ୍ ମେଚ୍ ହେବା ।